# ଆଦିବାସୀ ମେଳାର ଷଷ୍ଠ ସଂଧ୍ୟା

# ଗୃହଣୀମାନଙ୍କ ଆକର୍ଷଣର କେନ୍ଦ୍ର ଆଦିବାସୀ ହାଟ

ସ୍ୱାଧୀନତା ପ୍ରାପ୍ତି ପରେ ଆଦିବାସୀ ଜନସଂଖ୍ୟାର ଏକ ବିଶାଳ ବର୍ଗକୁ ପ୍ରଗତିର ସ୍ରୋତରେ ସାମିଲ କରିବା ପାଇଁ ବ୍ୟାପକ ଉଦ୍ୟମ ଆରମ୍ଭ ହୋଇଛି । ଏଥିପାଇଁ କାର୍ଯ୍ୟକାରୀ କରାଯାଉଛି ଅନେକ ଗୁଡିଏ  ଜନମଙ୍ଗଳକାରୀ ଯୋଜନା । ଏହା ଫଳରେ ଜନଜାତି ବର୍ଗର ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବା ସହିତ ଜୀବନଧାରଣ ମାନରେ ଆସିଛି ଯଥେଷ୍ଟ ପରିବର୍ତନ । ସାମଗ୍ରିକ ଭାବରେ ଆଦିବାସୀମାନଙ୍କର ସାମାଜିକ, ଅର୍ଥନୈତିକ ଓ ବାଣିଜ୍ୟିକ କ୍ଷେତ୍ରରେ ଘଟିଥିବା ପ୍ରଗତି ଓ ପରିବର୍ତନର ନିଖୁଣ ଚିତ୍ର ପ୍ରତିଫଳିତ ହୋଇଛି ରାଜଧାନୀର ପ୍ରଦର୍ଶନୀ ପଡ଼ିଆରେ ଜାନୁଆରୀ ୨୬ ତାରିଖରୁ ଆରମ୍ଭ ହୋଇଥିବା ଆଦିବାସୀ ମେଳାର ମଣ୍ଡପ ଗୁଡ଼ିକରେ । ରାଜ୍ୟର ଜନଜାତିବର୍ଗ ଦ୍ୱାରା ଉତ୍ପାଦିତ ସାମଗ୍ରୀ ଗୁଡ଼ିକର ବଜାର ଚାହିଦା ଆଶାତୀତ ଭାବରେ ବୃଦ୍ଧି ପାଇଛି । ସହରାଂଚଳରେ ଏହି ସବୁ ସାମଗ୍ରୀ ଉପଲବ୍ଧ ହେବା କଷ୍ଟକର ହେଉଥିବାରୁ ଏକ ବର୍ଷ ବ୍ୟବଧାନରେ ରାଜଧାନୀକୁ ଆସିଥିବା ଆଦିବାସୀ ମେଳା ଏଥିପାଇଁ ସୃଷ୍ଟି କରିଛି ଏକ ସୁବର୍ଣ୍ଣ ସୁଯୋଗ । ଆଦିବାସୀ ସମାଜ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡ଼ିକ ବିଶୁଦ୍ଧ ଏବଂ ଏଥିରେ ଜୈବିକ ଗୁଣ ଏଯାବତ୍ ଅକ୍ଷୁର୍ଣ୍ଣ ରହିଛି ବୋଲି ଲୋକଙ୍କ ମନରେ ଯେଉଁ ଦୃଢ଼ ଧାରଣା ରହିଛି, ତାହାହିଁ ରାଜଧାନୀ ବାସୀଙ୍କୁ ଆକର୍ଷିତ କରୁଛି ଆଦିବାସୀ ମେଳାକୁ । ସଂଜ ନଇଁ ଆସିବା କ୍ଷଣି ଗୃହିଣୀମାନଙ୍କ ଲମ୍ବା ଧାଡ଼ି ଛୁଟୁଛି ମେଳା ମଣ୍ଡପକୁ ଏବଂ କିଛି ମୁହୂର୍ତ ପାଇଁ ଚଳଚଂଚଳ ହୋଇ ଉଠୁଛି ଆଦିବାସୀ ହାଟ । ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ଏହି ହାଟରେ କିଣାବିକା ଆଉ ଗହଳି ଚହଳି ଅନ୍ୟ ସମସ୍ତ ଷ୍ଟଲ ଠାରୁ ଅଧିକ ହେଉଥିବାର ଦେଖା ଯାଉଛି । କେଉଁ ଅଂଚଳର ସାମଗ୍ରୀର କି ପ୍ରକାର ଗୁଣାତ୍ମକ ମାନ ରହିଛି, ସେ ସଂପର୍କରେ ରାଜଧାନୀର ଗୃହିଣୀ ମାନଙ୍କର ପୂର୍ବରୁ ଧାରଣା ଥିବାରୁ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଷ୍ଟଲ ଆଗରେ ସେମାନେ ବେଶ୍ ଭିଡ଼ ଜମାଉ ଥିବାର ଦେଖା ଯାଉଛି ।

ଆଦିବାସୀ ମାନଙ୍କ ଦ୍ୱାରା ଉତ୍ପାଦିତ ଖାଦ୍ୟଶସ୍ୟ ଯଥା ବାସୁମତି ଚାଉଳ, ମୁଗ, ବିରି, ମାଣ୍ଡିଆ, ପାଳୁଅ, ରାଶି ଆଦି କିଣିବାକୁ ଗୃହିଣୀଙ୍କ ଯେତିକି ଆଗ୍ରହ ଲକ୍ଷ୍ୟ କରାଯାଉଛି, ସେତିକି ଆଗ୍ରହ ରହୁଛି ମହୁ, ଲାଖ, ଝୁଣା, ହରିଡ଼ା, ବାହାଡ଼ା, ଅଁଳା ଆଦି ଲଘୁ ବନଜାତ ସାମଗ୍ରୀ ବିକ୍ରି ହେଉଥିବା ଷ୍ଟଲ ଗୁଡ଼ିକୁ ବୁଲିବା ପାଇଁ । ସେହିପରି ଆଦିବାସୀ ନରନାରୀ ପ୍ରସ୍ତୁତ କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା- ବଡ଼ି, ପାମ୍ପଡ଼, ହଳଦିଗୁଣ୍ଡ, ଆଚାର ଆଦି କିଣିବାକୁ ସହରୀ ଗରାଖଙ୍କ ଭିଡ଼ କିଛି କମ୍ ହେଉ ନାହିଁ । ଆଦିବାସୀ ହାଟରେ ଖୋଲିଥିବା ପିଣ୍ଡି ଗୁନିକ ଉପରେ ଆଇ.ଟି.ଡି.ଏ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନେ ବିଭିନ୍ନ ସାମଗ୍ରୀର ପସରା ମେଲାଇ ଦେଇଛନ୍ତି । ଗୃହିଣୀମାନେ ଆଉ ଯାହା କିଣନ୍ତୁ ବା ନ କିଣନ୍ତୁ, ହାତରେ ଗୋଟିଏ ଫୁଲଝାଡୁ ବା ହଳଦୀଗୁଣ୍ଡ ପ୍ୟାକେଟ ଧରି ମେଳାରୁ ଫେରୁଥିବା ଦୃଶ୍ୟ ବେଶ୍ ଉପଭୋଗ୍ୟ ହେଉଛି । ମୋଟାମୋଟି ଭାବରେ ଆଦିବାସୀ ହାଟ ରାଜଧାନୀର ସହରୀବାବୁ ଓ ଗୃହିଣୀଙ୍କୁ ମନୋରଞ୍ଜନର ଭରପୂର ଖୋରାକ୍ ଯୋଗାଇ ପାରୁଛି ।

ଆଜି ଷଷ୍ଠ ସଂଧ୍ୟାରେ ଜାତୀୟ ଆଦିବାସୀ ନୃତ୍ୟ ଉତ୍ସବ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିବା ବେଳେ ଶୀତ ସଂଧ୍ୟାକୁ ମନଭରି ଉପଭୋଗ କରିଥିଲେ ହଜାର ହଜାର ଦର୍ଶକ । ନାନା ରଙ୍ଗର ପୋଷାକ ପିନ୍ଧି ବିଶାଳ ମଂଚ ଉପରେ ନୃତ୍ୟ ପରିବେଷଣ କରୁଥିବା କଳାକାର ମାନେ ଦର୍ଶକମାନଙ୍କର ମନ ମୋହି ନେଇଥିବାର ଦେଖାଯାଇଥିଲା ।

***